
# ପିଲାଙ୍କ ଧରିତ୍ରୀ

ଶନିବାର, ୧୭ ଡିସେମ୍ବର, ୨୦୨୨


୩

୬ କହିଲ ଦେଖି

# ଖିଲି ଖିଲି ହସ

ଶିକ୍ଷକ କ୍ଲାସ୍‌ରେ ସାଇନ୍ସ ପଢ଼ାଉଥିବା ସମୟରେ ପିଲାଙ୍କୁ କହିଲେ – ପିଲାମାନେ, ତୁମ କପିରେ ବ୍ୟାକ୍ଟେରିଆ ଚିତ୍ର ଆଙ୍କିପାରିବ ? ଚିଣ୍ଟୁର କପି ଦେଖିବା ପରେ ତାକୁ ପଚାରିଲେ, ଆରେ ଚିଣ୍ଟୁ, ତୁ କାହିଁକି କପିରେ ବ୍ୟାକ୍ଟେରିଆ ଚିତ୍ର ଆଙ୍କିନୁ ? ଚିଣ୍ଟୁ ଉତ୍ତର ଦେଲା, 'ସାର୍, ମୁଁ ଚିତ୍ର କପିରେ କରିଛି, ହେଲେ ବ୍ୟାକ୍ଟେରିଆ ବହୁତ ସୂକ୍ଷ୍ମ ହୋଇଥିବାରୁ ତାହା ଖାଲିଆଖିରେ ଦେଖାଯାଉନି।

ଶିକ୍ଷକ ପଢ଼ାଉଥିବା ସମୟରେ ପଚାରିଲେ– ରାମୁ, କହିଲୁ ପାଞ୍ଚରୁ ପାଞ୍ଚ ଗଲେ କେତେ ରହିବ।

**ରାମୁ:** ସାର୍, ମୁଁ କହିପାରିବିନି।

**ଶିକ୍ଷକ:** ମୁଁ ଆଉଥରେ ପଚାରୁଛି ଧ୍ୟାନ ସହକାରେ ଶୁଣ।

ରାମୁ: ସାର୍, କୁହନ୍ତୁ।

**ଶିକ୍ଷକ:** ଯଦି ତୁମ ପାଖରେ ପାଞ୍ଚଟି ଛୋଲେ ଥିଲା ସେଥିରୁ ମୁଁ ପାଞ୍ଚଟି ନେଇଗଲି ଆଉ କେତେ ରହିଲା ?

**ରାମୁ:** ସାର୍ ,ମୋ ପାଖରେ କେବଳ 'ଭଜୁରେ' ରହିଲା।

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଦୂବ ଓ ସାରୁ

**ଗପ**

ସନିଆ ତା' ବାଡ଼ିରେ ସାରୁ ଲଗାଇଥାଏ। ସେଇ ସାରୁ ଗଛ ମୂଳରେ କିଛି ଦୂବ ଉଠିଥାଏ। ଦିନେ ସାରୁଗଛ ଦୂବଗଛକୁ ତାଚ୍ଛଲ୍ୟ କରି କହିଲା, ତୋ କପାଳ ଫଟା, ତୁ ଏମିତି ସଦାବେଳେ ମୋ ତଳେ ରହି ରହି ସମୟ କାଟିବୁ। ମୋ ଭଳି ଚିକ୍କଣ ହୋଇପାରିବୁନି କି ମୋ ଭଳି ବଡ଼ ହୋଇପାରିବୁନି।

ସାରୁ ଗଛର ବିଦ୍ରୂପଭରା କଥା ଶୁଣି ଦୂବ କିଛି କହୁ ନ ଥାଏ। ଠିକ୍ ଏତିକିବେଳେ ସନିଆର ସ୍ତ୍ରୀ ଦୂବ ଖୋଜି ଖୋଜି ହାଲିଆ ହୋଇ ସେଠାରେ ପହଞ୍ଚିଗଲା। ସାରୁଗଛ ମୂଳରେ ଛନଛନିଆ ଦୂବ ଦେଖି ସେଥିରୁ ଦି'ଟା ଛିଣ୍ଡାଇ ନେଇଗଲା। ତାହା ଦେଖି ସାରୁଗଛ କହିଲା, ଦେଖିଲୁ, ମାଲିକର ସ୍ତ୍ରୀ ତୋତେ କିପରି ଖଣ୍ଡିଆଖାବରା କରି ଚାଲିଗଲା। ଅନେକ ବେଳରୁ ସାରୁଗଛର କଥା ଶୁଣି ଦୂବ ଉତ୍ତର ଦେଇ କହିଲା, ଆଜିପରା ଗୁରୁବାର, ଲକ୍ଷ୍ମୀମାଆଙ୍କ ପୂଜାରେ ମୋର ଦରକାର ପଡ଼େ। ଦୂବ ଦେଇ ସେ ଠାକୁରଙ୍କୁ ପୂଜା କରିବେ ଆଉ ଲକ୍ଷ୍ମୀଙ୍କ ସହିତ ମୋତେ ବି ସେଠାରେ ମୁଣ୍ଡିଆ ମାରିବେ। ତେଣୁ ଏବେ ତୁ ଚିନ୍ତା କର ପ୍ରକୃତରେ ମୋର ଗୁରୁତ୍ୱ ଅଧିକ ନା ତୋର ? କିଛି ସମୟ ପରେ ସନିଆ ସେଠାରେ ପହଞ୍ଚି କୋଦାଳରେ ସାରୁବୁଦାକୁ ଦେଲା ଚୋଟେ। ବୁଦାଟି ଉପୁଡ଼ିଯିବାରୁ ସେ କଷ୍ଟରେ ଡାକ ପକାଇଲା, ଦୂବ ମୋତେ ରକ୍ଷାକର। ତା ଡାକ ଶୁଣି ଦୂବ କହିଲା, ଏତେ ଗର୍ବ କରୁଥିଲୁ କାହିଁକି ? ସମାଜରେ ସମସ୍ତଙ୍କର ଗୁରୁତ୍ୱ ରହିଛି। ତେଣୁ କେହି ଛୋଟ ନୁହନ୍ତି କି କେହି ବଡ଼ ନୁହନ୍ତି। କେହି ଯଦି ବଡ଼ ବୋଲି ନିଜକୁ ଗର୍ବ କରିବ ସେ ନିଶ୍ଚୟ କଷ୍ଟ ପାଇବ। ତେଣୁ ଛୋଟ ହୁଅନ୍ତୁ କି ବଡ଼ ସମସ୍ତଙ୍କୁ ସମ୍ମାନ ଦେବା ଆବଶ୍ୟକ।





**– ରମେଶ ଚନ୍ଦ୍ର ଦାଶ**
ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ
ମୋ: ୯୭୭୬୨୩୮୫୨୨

# ମହାକାଶରେ ପାଦ ଥାପିଥିବା ପ୍ରାଣୀ



ମହାକାଶ ବିଷୟରେ ନୂତନ ତଥ୍ୟ ପାଇବା ପାଇଁ ବୈଜ୍ଞାନିକମାନେ ମହାକାଶ ଯାନ ପ୍ରେରଣ କରୁଛନ୍ତି। ଏହି ସମ୍ବନ୍ଧରେ ଅଧିକ ଜ୍ଞାନ ହାସଲ ଲାଗି ପ୍ରାଣୀଙ୍କୁ ମଧ୍ୟ ମହାକାଶକୁ ପଠାଯାଇଛି।

ମହାକାଶକୁ ଯାତ୍ରା କରିଥିବା ପ୍ରଥମ ପ୍ରାଣୀ ହେଉଛି ଲାଇକା ନାମକ କୁକୁର। ତାକୁ ୭ଦିନ ପାଇଁ ଅକ୍ସିଜେନ ଦେଇ ମହାକାଶ ଯାନରେ ପଠାଯାଇଥିଲା। ସେ ମସ୍କୋର ଗୋଟିଏ ବୁଲା କୁକୁର ଥିଲା। ୩ ନଭେମ୍ବର ୧୯୫୭ ମସିହାରେ ସ୍ପୁଟନିକ୍-୨ ମହାକାଶଯାନରେ ପ୍ରଥମ ପ୍ରାଣୀ ଭାବେ ସେ ପୃଥିବୀ ପରିକ୍ରମା କରିଥିଲା। ତେବେ ଓଭର୍ ହିଟିଙ୍ଗ୍ ଯୋଗୁ କିଛି ଘଣ୍ଟା ମଧ୍ୟରେ ଲାଇକାର ମହାକାଶରେ ହିଁ ମୃତ୍ୟୁ ହୋଇଥିଲା। ମିରର୍ ୱେବ୍‌ସାଇଟ୍‌ର ରିପୋର୍ଟ ଅନୁସାରେ, ଫ୍ରାନ୍ସର ଏକ ବିଲେଇ ଯାହାର ନାମ ଫେଲିସେଟ୍ ସେ ମଧ୍ୟ ମହାକାଶକୁ ଯାତ୍ରା କରିଥିଲା। ସେ ବି ଏକ ବୁଲା ବିଲେଇ ଥିଲା। ଫ୍ରାନ୍ସର ଏକ ସ୍ପେସ୍ ପ୍ରୋଗ୍ରାମ୍ ଜରିଆରେ ତାକୁ ମହାକାଶକୁ ପଠାଯାଇଥିଲା। ୧୯୬୩ ମସିହା ଅକ୍ଟୋବର ୧୮ରେ ସେ ମହାକାଶକୁ ଯାତ୍ରା କରିଥିଲା। ଏହି ରକେଟ୍‌କୁ ସାହାରା ମରୁଭୂମିରେ ଉତ୍‌କ୍ଷେପଣ କରାଯାଇଥିଲା। ୧୫ ମିନିଟ୍ ଯାଏ କକ୍ଷପଥରେ ଘୂରିବା ପରେ ରକେଟ୍ ଫେଲିସେଟ୍‌କୁ ନେଇ ପୃଥିବୀ ପୃଷ୍ଠକୁ ଫେରି ଆସିଥିଲା। ତା'ର ସ୍ନାୟୁଗତ ଗତିବିଧି ଉପରେ ନଜର ରଖିବା ପାଇଁ ମସ୍ତିଷ୍କରେ କିଛି ଯନ୍ତ୍ର ଖଞ୍ଜାଯାଇଥିଲା। କିନ୍ତୁ ଏହି ସଫଳତାର ୨ମାସ ପରେ ଫେଲିସେଟ୍‌ର ମୃତ୍ୟୁ ହୋଇଥିଲା। ହାମ୍ ନାମକ ସିମ୍ପାଞ୍ଜିକୁ ୩୧ ଜାନୁୟାରୀ ୧୯୬୧ ମସିହାରେ ମହାକାଶକୁ ପଠାଯାଇଥିଲା। ଆମେରିକାନ ସ୍ପେସ୍ ମିଶନ୍‌ରେ ମର୍କ୍ୟୁରି ରେଡ୍‌ଷ୍ଟୋନ୍-୨ ରକେଟ୍ ହାମ୍‌କୁ ନେଇ ଉଡ଼ାଣ ଭରିଥିଲା। ତେବେ ମହାକାଶରେ ୧୬ମିନିଟ୍ ୩୯ ସେକେଣ୍ଡ ରହିବା ପରେ ସଫଳତାର ସହ ପୃଥିବୀ ପୃଷ୍ଠରେ ଅବତରଣ କରିଥିଲା। ଏହି ସ୍ପେସ୍ ମିଶନ୍ ପରେ ସେ ହାମ୍ ଦ ଆଷ୍ଟ୍ରୋଚିମ୍ପ ଭାବରେ ପରିଚିତ ହୋଇଥିଲା।

## ମାତାମାତ

▸▸ 'କହିଲ ଦେଖି' ପଢ଼ିବାକୁ ମଜା ଲାଗୁଛି।
**– ଦେବଦତ୍ତା ଷେଣ୍ଡରିଆ,** ମୋଦିପଡ଼ା, ସମ୍ବଲପୁର

▸▸ 'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶିତ ସବୁ ଚିତ୍ର ଆକର୍ଷଣୀୟ ହୋଇଛି।
**– ପୂର୍ଣ୍ଣେନ୍ଦୁ ପଟ୍ଟନାୟକ,** ଗାନ୍ଧୀନଗର, ବଲାଙ୍ଗୀର

▸▸ 'ଆଇସ୍କ୍ରିମ୍ ଚଖାଳି ଜନ୍'ଙ୍କ ବିଷୟରେ ପଢ଼ି ଖୁବ୍ ହସିଲି।
**– କବିତା ସାହୁ,** ତରତୁଆ, ଖୋର୍ଦ୍ଧା

▸▸ ଗପ ସ୍ତମ୍ଭରେ ପ୍ରକାଶିତ 'କ୍ଷମା ହିଁ ମହାନ୍ ଗୁଣ' ଗପଟି ଶିକ୍ଷଣୀୟ ହୋଇଛି।
**– ଲକ୍ଷ୍ମୀପ୍ରିୟା ହୋତା,** ଜୟପୁର, କୋରାପୁଟ

# ଆଗଧାଡ଼ିର କଣ୍ଠଶିଳ୍ପୀ ହେବି

**ଶିଶୁ ପ୍ରତିଭା**



ପିଲାଦିନେ ସେ ମନକୁ ମନ ଗୁଣୁଗୁଣୁ ହୋଇ ଗୀତ ଗାଉଥିଲେ। ସେତେବେଳକୁ ତାଙ୍କ ବୟସ ୭ ବର୍ଷ। ଏମିତି ନିଜେ ଗୀତ ଅଭ୍ୟାସ କରି ଦିନେ ସ୍କୁଲର ଏକ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଆଶ୍ଚର୍ଯ୍ୟର କଥା ସେଦିନ ସେ ପୁରସ୍କୃତ ହୋଇ ଘରକୁ ଫେରିଥିଲେ। ତାଙ୍କ ଭିତରେ ଯେ ଏକ ସଙ୍ଗୀତ ପ୍ରତିଭା ଲୁଚି ରହିଛି ସେଦିନ ଜାଣିବାକୁ ପାଇଥିଲେ ଘର ଲୋକେ। ସଙ୍ଗୀତ ଜଗତରେ ଏବେ ଏହି ଉଦୀୟମାନ ପ୍ରତିଭା ଜଣକ ହେଉଛନ୍ତି ଜାହ୍ନବୀ ଦତ୍ତ।

ଭୁବନେଶ୍ୱରର ଆଦିମାତା କଲୋନୀରେ ରହନ୍ତି ଜାହ୍ନବୀ। ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଷ୍ଟାଣ୍ଡାର୍ଡ-୮ର ଛାତ୍ରୀ। ବାପା ସୁରଜିତ ଦତ୍ତ ସଫ୍ଟୱେର ଇଞ୍ଜିନିୟର ଏବଂ ମାଆ ବାଣିଶ୍ରୀ ଦତ୍ତ ଗୃହିଣୀ। ଜାହ୍ନବୀ ଏବେ ପାଠ ସାଙ୍ଗକୁ ସଙ୍ଗୀତ ସାଧନାରେ ଢେର୍ ଆଗକୁ ଯାଇ ପାରିଛନ୍ତି। ଘର ଲୋକେ ତାଙ୍କୁ ସଙ୍ଗୀତ ଶିକ୍ଷା ନିମନ୍ତେ ସମସ୍ତ ସୁବିଧାସୁଯୋଗ ଯୋଗାଇ ଦେଇଛନ୍ତି। ଏହାପରେ ଜାହ୍ନବୀ ଆଉ ପଛକୁ ଫେରି ଚାହିଁନାହାନ୍ତି। ଶାସ୍ତ୍ରୀୟ ସଙ୍ଗୀତରେ ତାଙ୍କର ସ୍ୱତନ୍ତ୍ର ରୁଚି ରହିଛି। ରାଜ୍ୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ସେ ଅନେକ ଥର ପୁରସ୍କୃତ ହୋଇଛନ୍ତି। ଏହା ସହିତ ପ୍ରତିବର୍ଷ ସ୍କୁଲ ତରଫରୁ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ସେ ପୁରସ୍କୃତ ହୋଇଛନ୍ତି। ନିକଟରେ ଜି ଟିଭି ପକ୍ଷରୁ 'ବର୍ନ ଟୁ ସାଇନ୍' କାର୍ଯ୍ୟକ୍ରମରେ ଭାଗ ନେଇ ସେ କୃତିତ୍ୱ ଅର୍ଜନ କରିବା ସହ ୪ ଲକ୍ଷ ଟଙ୍କାର ବୃତ୍ତି ପାଇଛନ୍ତି। ଏହା ପୂର୍ବରୁ ସେ ହେରିଟେଜ୍ ଫାଉଣ୍ଡେସନ୍ ଅଫ୍ ଆର୍ଟ ଆଣ୍ଡ କଲଚର ପକ୍ଷରୁ ଆୟୋଜିତ ଇଣ୍ଟର ସ୍କୁଲ ହିନ୍ଦୁସ୍ତାନୀ କ୍ଲାସିକାଲ୍ ସଙ୍ଗ୍ କମ୍ପିଟିସନ୍‌ରେ ଲଗାତର ୨ ଥର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଭବିଷ୍ୟତରେ ସେ ଜଣେ ଜାତୀୟସ୍ତରୀୟ କଣ୍ଠଶିଳ୍ପୀ ହେବାକୁ ଲକ୍ଷ୍ୟ ରଖିଛନ୍ତି।



ଏବେ କେତେକ ସ୍କୁଲରେ ପରୀକ୍ଷା ଆରମ୍ଭ ହୋଇଯାଇଥିବା ବେଳେ ଆଉ କେତେକଙ୍କର ପରୀକ୍ଷା ହୋଇନି। ତେବେ ପରୀକ୍ଷା ପୂର୍ବରୁ କିପରି ପିଲାମାନେ ନିଜକୁ ପ୍ରସ୍ତୁତ କରିବେ, ସେଥିପାଇଁ ଠିକ୍ ସମୟରେ ରିଭିଜନ୍ ଆରମ୍ଭ କଲେ ସେଥିରୁ ସୁଫଳ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି।

# ରିଭିଜନ୍

ପାଠ ପଢ଼ାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ରିଭିଜନ୍। ନିର୍ଦ୍ଦିଷ୍ଟ ପରୀକ୍ଷା ପାଇଁ ପାଠ୍ୟକ୍ରମ ଶେଷ ହେବା ପରେ ତାହାକୁ ପିଲାମାନେ ଭଲ ଭାବରେ ପଢ଼ିଥାଆନ୍ତି, ଯାହା ରିଭିଜନ୍ ନାମରେ ଜଣା। ଏହି ସମୟରେ ପିଲାଙ୍କ ମନରେ ଉଠୁଥିବା ପ୍ରଶ୍ନାବଳୀର ସମାଧାନ ଶିକ୍ଷକମାନେ କରିଥାଆନ୍ତି। ତେବେ ରିଭିଜନ୍ ସମୟରେ କେତେକ ଦିଗ ପ୍ରତି ଦୃଷ୍ଟି ଦେବା ନିହାତି ଜରୁରୀ। କାରଣ ଏହି ସମୟର ପ୍ରସ୍ତୁତି ପିଲାଙ୍କୁ ପରୀକ୍ଷାରେ ସାହାଯ୍ୟ କରିଥାଏ। ତେଣୁ ରିଭିଜନ୍ ପୂର୍ବରୁ ପିଲାମାନେ ସଚେତନ ରହିବା ନିହାତି ଦରକାର। ନ ହେଲେ ପରିଶ୍ରମ ବୃଥା ହେବାର ଆଶଙ୍କା ରହିଛି। ତେବେ ରିଭିଜନ ସମୟରେ କେଉଁ ଦିଗ ପ୍ରତି ଅଧିକ ଧ୍ୟାନ ଦେବା ଆବଶ୍ୟକ ଜାଣନ୍ତୁ ସେ ସମ୍ପର୍କରେ...

## ମହତ୍ତ୍ୱ ବୁଝନ୍ତୁ

କୌଣସି ବିଷୟକୁ ନେଇ ଯଦି ରିଭିଜନ୍ କରୁଛନ୍ତି ତେବେ ତା'ପୂର୍ବରୁ ନିଜକୁ ପ୍ରସ୍ତୁତ କରନ୍ତୁ। କାରଣ ପରୀକ୍ଷାରେ ଭଲ ନମ୍ବର ଆଣିବାକୁ ହେଲେ ରିଭିଜନ୍ ନିହାତି ଜରୁରୀ।

## ରୁଟିନ୍ ପ୍ରସ୍ତୁତ କରନ୍ତୁ

ରିଭିଜନ୍ ଆରମ୍ଭ କରିବା ପୂର୍ବରୁ ଏ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନିଅନ୍ତୁ। ଏହି ସମୟରେ ପାଠକୁ ବୋଝ ବୋଲି ଭାବନ୍ତୁ ନାହିଁ। କେତେବେଳେ କେଉଁ ବିଷୟକୁ ରିଭିଜନ୍ କରିବେ ତାହାର ଏକ ରୁଟିନ୍ ପ୍ରସ୍ତୁତ କରିନିଅନ୍ତୁ। ତାହାକୁ ଅନୁସରଣ କରି ରିଭିଜନ୍ କରନ୍ତୁ। ରିଭିଜନ୍ ସାଙ୍ଗକୁ ହୋମ୍‌ୱର୍କ କରିବାକୁ ପଡିପାରେ। ତେଣୁ ତାହା ପାଇଁ ସମୟ ବାହାର କରନ୍ତୁ। ଯେତିକି ସମୟ ରିଭିଜନ୍ ପାଇଁ ସ୍ଥିର କରିଛନ୍ତି ସେହି ସମୟ ଭିତରେ ଅନ୍ୟ କଥାକୁ ନେଇ ଚିନ୍ତା ନ କରିବା ଭଲ। ସବୁବେଳେ ଶାନ୍ତ ପରିବେଶରେ ରିଭିଜନ୍ କଲେ ସେଥିରୁ ସୁଫଳ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି।

## ମା'ବାପାଙ୍କ ଦାୟିତ୍ୱ

ଆପଣଙ୍କ ପିଲା ଯଦି ରିଭିଜନ୍ ପାଇଁ ପ୍ରସ୍ତୁତ ହେଉଛି ତେବେ ତାହା ସହ ଯୋଗ ଦିଅନ୍ତୁ। ଏଭଳି ସମୟ ନିର୍ଘଣ୍ଟ ସ୍ଥିର କରନ୍ତୁ, ଯେଉଁ ସମୟରେ ତାକୁ ପାଠ ପଢ଼ିବାକୁ ଆରାମ ଲାଗିବ। ରିଭିଜନ୍‌କୁ ନେଇ ମନରେ କିଛି ଦ୍ୱନ୍ଦ୍ୱ ସୃଷ୍ଟି ହେଲେ ପଢୁଥିବା ସ୍କୁଲର ଶିକ୍ଷକଙ୍କ ସହ ଆଲୋଚନା କରନ୍ତୁ। ପିଲା ଠିକ୍ ଭାବରେ ରିଭିଜନ୍ କରୁଛି କି ନାହିଁ ତାହାକୁ ଠିକ୍ ଭାବରେ ତର୍ଜମା କରନ୍ତୁ।

## ପ୍ରଶ୍ନପତ୍ର ଅନୁସାରେ ପ୍ରସ୍ତୁତ ହେଲେ ଭଲ

ଆଜିକାଲି ତ ପରୀକ୍ଷା ପୂର୍ବରୁ ସାମ୍ପଲ ପେପର ବଜାରରେ ଉପଲବ୍ଧ। ତେଣୁ ଏହାକୁ ସଂଗ୍ରହ କରି ରିଭିଜନ ସମୟରେ ତାହାକୁ ଅନୁସରଣ କରନ୍ତୁ। ରିଭିଜନ୍ ପରେ ସେହି ବିଷୟକୁ ଲେଖନ୍ତୁ। ଏହାଦ୍ୱାରା ରିଭିଜନ କରିଥିବା ବିଷୟ ଭଲ ଭାବରେ ମନେରହିବ। ଏଥିସହ ପିଲାର ଲେଖିବା ସ୍ପିଡ୍ ମଧ୍ୟ ବଢ଼ିବ।

## ପରୀକ୍ଷା ପୂର୍ବରୁ ସବୁ ପାଠକୁ ବାରମ୍ବାର ରିଭିଜନ୍ କରେ



ପରୀକ୍ଷା ପାଇଁ ମୁଁ ବହୁତ ସଚେତନ ଥାଏ। ଏହା ପୂର୍ବରୁ ସବୁ ପାଠକୁ ବାରମ୍ବାର ରିଭିଜନ୍ କରିବାକୁ ଭୁଲେନି। ସବୁବେଳେ ସବୁ ବିଷୟ ରିଭିଜନ୍ କରିବା ଦରକାର। ନ ହେଲେ ଏହି ସମୟରେ କିଛି ମନେ ରହିବ ନାହିଁ। ଏଥିପାଇଁ ମୁଁ ଆଗରୁ ନିଜେ ପ୍ଲାନିଂ କରେ କେଉଁ ବିଷୟ କେତେ ସମୟ ପଢ଼ିବି,ଯେଉଁଥିରେ ମୋର ଟିକେ ଡାଉଟ୍ ଥାଏ ତାକୁ ସାରଙ୍କୁ ପଚାରି ବୁଝିଥାଏ।

**-ପ୍ରକାଶ ସାମଲ, କ୍ଲାସ୍-୯,**
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବେନ୍ତାଳପୁର,ଭଦ୍ରକ

## ପରୀକ୍ଷା ସମୟରେ ମୁଣ୍ଡରେ ଟେନସନ୍ ନ ଥିବ



ଆଉ କିଛି ଦିନ ଗଲେ ମୋର ପରୀକ୍ଷା ହେବ ସେଥିପାଇଁ ମୁଁ ଏବେଠାରୁ ପ୍ରସ୍ତୁତ ହେଉଛି। କାରଣ ପରୀକ୍ଷା ସମୟରେ ପାଠ ପଢ଼ିବା ଦ୍ୱାରା ମନରେ ଅଧିକ ଚାପ ପଡିଥାଏ। ଆଗରୁ ଯଦି ପାଠକୁ ଆମେ ରିଭିଜନ କରିବା ତେବେ ପରୀକ୍ଷା ସମୟରେ ଏତେ ମୁଣ୍ଡରେ ଟେନସନ୍ ନ ଥିବ। ଯାହାଦ୍ୱାରା ପରୀକ୍ଷାର ରେଜଲ୍ଟ ଭଲ ହେବ ବୋଲି ମୁଁ ଭାବୁଛି।

**-ଆରିୟୁଷ୍ ପତି,** କ୍ଲାସ-୬, ବିଜେଇଏମ୍ ସ୍କୁଲ,
ସତ୍ୟଭାମାପୁର, ଭୁବନେଶ୍ୱର

## ପାଞ୍ଚଟି କଥାକୁ ଗୁରୁତ୍ୱ ଦେଲେ ଭଲ




ପରୀକ୍ଷା ସମୟରେ ରିଭିଜନ୍ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ କଥା। ଏହି ସମୟରେ ପାଞ୍ଚଟି ବିଷୟକୁ ଧ୍ୟାନ ଦେଲେ ସେଥିରୁ ସୁଫଳ ମିଳିଥାଏ ବୋଲି କହିବି। ପ୍ରଥମତଃ ପରୀକ୍ଷା ସମୟରେ ଜଣେ ପିଲା ଅତିକମ୍‌ରେ ୧୦-୧୪ ଘଣ୍ଟା ପଢ଼ିବା ଦରକାର। ଏଥିପାଇଁ ସମୟ ନିର୍ଘଣ୍ଟ ପ୍ରସ୍ତୁତ କରନ୍ତୁ। ଦ୍ୱିତୀୟତଃ ପାଠ ପଢ଼ିବା ସମୟରେ ଏକାଗ୍ରତା ରହିବା ନିହାତି ଜରୁରୀ। ବହି ଧରି ବସି ପଡିଲେ ଯେ କେବଳ ପାଠ ପଢ଼ା ହୋଇଗଲା ତାହା ଭାବିବା ଭୁଲ। ମନଧ୍ୟାନ ଲଗାଇ ପାଠ ପଢ଼ନ୍ତୁ। ତୃତୀୟ କଥା ହେଲା- ଦିନତମାମ ଯାହା ପଢୁଛନ୍ତି ତାହାକୁ ରାତିରେ ମନେ ପକେଇ ଲେଖନ୍ତୁ। ଏହାଦ୍ୱାରା ପାଠ ମନ ଭିତରେ ଜେରକ୍ସ ହୋଇ ରହିଯାଏ। ଚତୁର୍ଥ ବିଷୟଟି ହେଲା ଅନଲାଇନ୍। କୋଭିଡ୍ ସମୟରେ ଅନଲାଇନ୍ ପାଠ ପଢ଼ା ହେଉଥିଲା। ଏବେ ତ ଅଫଲାଇନ୍ ଚାଲିଛି। ତେଣୁ ଆବଶ୍ୟକତା ନ ଥିଲେ ଏହାଠାରୁ ନିଜକୁ ଦୂରେଇ ରଖନ୍ତୁ। ପାଠ ପାଇଁ ଯେତିକି ଆବଶ୍ୟକ ସେତିକି ମୋବାଇଲ୍ ବ୍ୟବହାର କରନ୍ତୁ। ପଞ୍ଚମ କଥା ହେଲା, ଭୋର ସମୟରେ ପାଠ ପଢ଼ିଲେ ତାହା ପୂର୍ବାପେକ୍ଷା ଅଧିକ ମନେ ରହିଥାଏ। ଏହି ପାଞ୍ଚଟି ବିଷୟ ପିଲାଙ୍କ ପାଠପଢ଼ା ଜୀବନରେ ନୂଆ ମୋଡ ଆଣିବ ବୋଲି ଆଶା।

**-ମାମିନା ମହାନ୍ତି, ଶିକ୍ଷୟିତ୍ରୀ, ଜିଜିପି କଲୋନି, ଭୁବନେଶ୍ୱର**





୧



୨




୩




୭



୪



୫



୬

୧



**ସାଇ ସମର୍ଥ ପ୍ରଧାନ**
କ୍ଲାସ୍-୩, ଡିଏଭି ପବ୍ଲିକ ସ୍କୁଲ, ପ୍ରଗତି ମାର୍ଗ, ସରବାହାଲ, ଝାରସୁଗୁଡା

୨

**ପ୍ରତୀକ୍ଷା ମହାପାତ୍ର**
କ୍ଲାସ୍- ୫, କେନ୍ଦ୍ରୀୟ ବିଦ୍ୟାଳୟ, ଜଗତସିଂହପୁର



୩



**ଅମିତ୍ ଶୁଭ୍ରଜିତ୍ ସାହୁ**
କ୍ଲାସ୍- ୪, ଭେଙ୍କଟେଶ୍ୱର ଇଂଲିଶ୍ ମିଡିୟମ୍ ସ୍କୁଲ, ଭୁବନେଶ୍ୱର

୪



**ସାମନ୍ଧ୍ୟା ଜଗଦ୍ଦେବ**
କ୍ଲାସ୍- ୧, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, କେଦାରଗୌରୀ, ଭୁବନେଶ୍ୱର

୫

**ଆରାଧ୍ୟା ମିଶ୍ର**
କ୍ଲାସ୍-୩, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର



୬

**ପ୍ରତିମା ଗଉଡ**
କ୍ଲାସ୍- ୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରୁପ୍ରାରୋଡ, କଳାହାଣ୍ଡି



୭



**ବର୍ଷା ପ୍ରିୟଦର୍ଶିନୀ ଜେନା**
କ୍ଲାସ୍- ୯, ଜୟଦୁର୍ଗା ହାଇସ୍କୁଲ, ଓଶାଳା, ଯାଜପୁର






## ଶୀତ ସାଧଇ ହିତ

ଋତୁଚକ୍ରର ପଞ୍ଚମ ଋତୁ
ନାମଟି ଯା'ର ଶୀତ
ପଉଷ-ମାଘ ମାସକୁ ଘେନି
ଧରାରେ ଉପସ୍ଥିତ।
ଶୀତ ପ୍ରଭାତେ କାକର ସାଥେ
କୁହୁଡ଼ି ମାଡ଼ି ଆସେ,
ସୂର୍ଯ୍ୟ କିରଣ ଅଦୃଶ୍ୟ ହୁଏ
ରାସ୍ତାଘାଟ ନ ଦିଶେ।
ଖରାକୁ ଗଲେ ଗରମ ଲାଗେ
ଛାଇରେ ଲାଗେ ଶୀତ,
ଏକାଳେ ଲୋକେ ଜଳାଇ ନିଆଁ
ସେକନ୍ତି ଗୋଡ଼ହାତ।
ବାଡ଼ିରେ ଫୁଟେ ଗେଣ୍ଡୁ କୁସୁମ
ଦିଶଇ ବଡ଼ ତୋରା,
ଚାଷୀ ଭାଇର କ୍ଷେତବାଡ଼ିରେ
ପନିପରିବା ଭରା।
ପ୍ରତ୍ୟକ୍ଷେ ଶୀତ ଦିଅଇ କଷ୍ଟ
ପରୋକ୍ଷେ ସାଧେ ହିତ,
ଶୀତାବସାନେ ଧରାକୁ ଆସେ
ଋତୁରାଜ ବସନ୍ତ।

**– ମାଧବୀଲତା ଦେଇ**
ଶ୍ରୀମୁଖ, ନିମାପଡ଼ା,ପୁରୀ
ମୋ:୯୬୯୨୪୮୩୩୭୭

## ଶୀତ ଆସିଛି

ଶୀତ ଆସିଅଛି ପକ୍ଷ ମେଲାଇ
ରେଜେଇ କମ୍ବଳ ଲୋଡ଼ା ତା ପାଇଁ।
ନାନାଜାତି ଫୁଲେ ମହି ସୁନ୍ଦର
ତା' ମଧ୍ୟରେ ଗେଣ୍ଡୁ ଏକ ନମ୍ବର।
ସୋରିଷ ଫୁଲିଆ ଧାନର କ୍ଷେତ
ଉଷତ ହେଲାଣି ଚାଷୀର ଚିତ୍ତ।
କିସମ କିସମ ପନିପରିବା
ବଜାରରେ ସବୁ ହୋଇଛନ୍ତି ସଜ୍ଜା।
ମଣ୍ଡା, ଆରିସା, ଦୁଧ ଗଇଁଠା,
ପାଟିକୁ ଲାଗଇ ଭାରି ବଢ଼ିଆ।
ମୁକୁତା ଭଳି କାକର ବିନ୍ଦୁରେ
ଧରା ଲାଗେ ପୁଣି ଭାରି ସୁନ୍ଦର।

**– ଅସୀମା ନାୟକ**
ଭଦ୍ରକ, ମୋ: ୭୯୭୮୨୯୪୯୪୬

## ହିତୋପଦେଶ

ହିତୋପଦେଶକୁ ମାନି ପିଲାଏ
କାଟିବେ ଯଦି ଜୀବନ
ସବୁକାମେ ଜୟ ହେବ ନିଶ୍ଚୟ
ଏକଥା ଗୁରୁବଚନ।
ପୁଷମାସେ ଖଇ ମାଘମାସେ ଦହି
ଚଇତେ ନିମ୍ବ ପିତା।
ମାନିଲେ ସେକଥା ନୀରୋଗ ସହିତ
ହୋଇବ ଜଗତଜିତା।
ପରୋପକାରିତା ହିତବାଦୀ କଥା
କରିବ ଯଦି ପାଳନ।
ଧନ୍ୟ ହୋଇବ ଜୀବନ ତୁମର
ଆସିବ ସୁଖର ଦିନ।
ହିତାକାଂକ୍ଷୀ ଆମ ପିତା ଆଉ ମାତା
କହିଥାନ୍ତି ନୀତିକଥା
ଅବସାଦେ ଭରି ଯିବ ଏ ଜୀବନ
କରିଲେ ତାହା ଅନ୍ୟଥା।
ଜନତାର ହିତ କରିବାର ପଥ
କରଇ ଯିଏ ଆଦର
ଉଜ୍ଜ୍ୱଳ ହେବ ଜୀବନ ତାହାର
ମରି ହେବ ସେ ଅମର।

**– ଅଧ୍ୟାପକ ବିଷ୍ଣୁମୋହନ**
କ୍ରିଷ୍ଣା ଗାର୍ଡେନ, ଖଣ୍ଡଗିରି, ଭୁବନେଶ୍ୱର

## ଶୀତ ଆସିଛି ଗୀତ ଗାଉଛି

ଶୀତ ଆସିଛି ଗୀତ ଗାଉଛି
ଶିଶିର ବିନ୍ଦୁ ସାଥେ
ସୁନେଲି ଆଭା ମନରେ ଲୋଭା
ସକାଳ ଫୁଲ ରଥେ।
ଲାଗଇ ମଜା ବାଦାମ ଭଜା
ନିଆଁ ପାଖରେ ସଞ୍ଜେ
ଆଇମା ଗପ ଜେଜେଙ୍କ ଜପ
ଶୁଣିଲେ ପ୍ରାଣ ରଞ୍ଜେ।
ଶୀତରେ ସତେ ମିଳଇ ଯେତେ
ତଟକା ଶାଗ ଫଳ
ଖାଇବା ଏହି ଋତୁରେ ସେହି
ମଧୁର କନ୍ଦ ମୂଳ।
ସକାଳୁ ଆଖି ଖୋଲେନା ସଖୀ
ନିଦରୁ ଉଠିବାକୁ
ଶୀତ ଆସିଛି ଗୀତ ଗାଉଛି
ଆମକୁ ଡାକିବାକୁ।

**– ଅମରନାଥ ବାରିକ୍**
କୟାଁ, ମଙ୍ଗଳପୁର, ଯାଜପୁର
ମୋ: ୯୫୪୦୩୦୮୦୯୫


## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

### ବିଶ୍ୱର ସବୁଠାରୁ ବୟସ୍କ କୁକୁର ଜିନୋ



ପିଲାମାନେ ତୁମ ଘରେ ପୋଷା କୁକୁର ଅଛି କି। ଜାଣି ଆଶ୍ଚର୍ଯ୍ୟ ହେବ ଆମେରିକାର ୨୨ବର୍ଷର କୁକୁର ବିଶ୍ୱର ସବୁଠାରୁ ବୟସ୍କ କୁକୁର ଭାବେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି। ଏହି କୁକୁର ନାଁ ଜିନୋ ୱୁଲ୍ଫ। ସେ ୨୪ ସେପ୍ଟେମ୍ବର ୨୦୦୦ମସିହାରେ ଜନ୍ମ ହୋଇଛି। ଆଲେକ୍ସ ନାମକ ବ୍ୟକ୍ତି ୨୦୦୨ ମସିହାରେ କଲୋରାଡୋ ହ୍ୟୁମାନ ସୋସାଇଟିରୁ ଜିନୋକୁ ପୋଷ୍ୟ ଭାବେ ଗ୍ରହଣ କରିଥିଲେ। ଜିନୋ ପିଲାଟିବେଳରୁ ଆଲେକ୍ସଙ୍କ ପାଖରେ ରହି ଆସୁଛି। ଆଲେକ୍ସ କୁହନ୍ତି, ଆଜିକୁ ବର୍ଷ ବର୍ଷ ଧରି ମୁଁ ତା'ର ଯତ୍ନ ନେଇ ଆସୁଛି। ବୟସ ବଢିବା ଯୋଗୁଁ ଜିନୋର ଦୃଷ୍ଟିଶକ୍ତି କମିବାରେ ଲାଗିଛି। ଜିନୋ ପିଲାଟିବେଳୁ ଦେଖିବାକୁ ବହୁତ ସୁନ୍ଦର। ସେ ଅନ୍ୟ କୁକୁରମାନଙ୍କ ସହ ଖେଳିବାକୁ ଭଲପାଏ। ଏବଂ ସେମାନଙ୍କର ନେତା ଭଳି ବ୍ୟବହାର କରେ। ଶୀତଦିନେ ଜିନୋକୁ ନିଆଁ ପାଖରେ ଶୋଇବାକୁ ଏବଂ ସାଲମନ ମାଛ ଖାଇବାକୁ ଭଲଲାଗେ। ପଡୋଶୀଙ୍କ ଘରକୁ ସେ ୱାଗନ୍‌ରେ ବସି ବୁଲିବାକୁ ପସନ୍ଦ କରେ। ଜିନୋ ଆଲେକ୍ସଙ୍କୁ ବହୁତ ଭଲପାଏ ବୋଲି ସେ କହିଛନ୍ତି।


## ଏଥରର




- ବିଶ୍ୱର ସବୁଠାରୁ ଛୋଟ ଦେଶ କେଉଁଟି ?
- ମଣିଷ ଶରୀରରେ ଥିବା ବଡ଼ ହାଡ଼ର ନାମ ?
- ବିଦ୍ୟୁତ୍ ବଲ୍‌ବରେ କେଉଁ ଧାତୁ ଫିଲାମେଣ୍ଟ ଭାବରେ ବ୍ୟବହୃତ ହୁଏ ?
- ଭାରତର ସମ୍ବିଧାନରେ କେତୋଟି ଆର୍ଟିକିଲ୍ ଅଛି ?
- ବିଶ୍ୱରେ କେଉଁ ଦେଶର ସମ୍ବିଧାନ କମ୍ ଶବ୍ଦରେ ଲେଖାଯାଇଛି ?

## ଗତଥରର

- ଆର୍ଯ୍ୟଭଟ୍ଟ
- ରାଜା ହରିଶ୍ଚନ୍ଦ୍ର
- ଦାଦା ସାହେବ ଫାଲକେ
- ଆନ୍ଧ୍ର ପ୍ରଦେଶ
- ଆଫ୍ରିକୀୟ ହାତୀ



## କହିଲ ଦେଖି



ଖେଳି ଥାଆନ୍ତି ସେ କେଉଁ ଖେଳ
କୁଆଁରୀମାନେ ହୋଇଣ ମେଳ
କୁଆଁର ପୂନେଇଁ ଦିନ,
ଖେଳର ନାମ ଦୁଇ ଅକ୍ଷର
କହିବ ଯିଏ ଖେଳିବ ସିଏ
କରି ହରଷ ମନ।

**ଉତ୍ତର- ପୁଚି**



ରୁପା ଥାଳି ପରି ଗୋଲ୍ ଅଟେ
ସଞ୍ଜ ହେଲେ ଆସେ ଆକାଶ ତଟେ,
ତାକୁ ଦେଖି କଇଁଫୁଲଟି ଫୁଟେ
ମାମୁ କହି କୁନା ଖୁସିରେ ଲୋଟେ,
ନାମଟି ତାହାର କହିବ ଯିଏ,
ମାମୁ ପାଖକୁ ଦିନେ ଯିବ ସିଏ।


**ଉତ୍ତର- ପୂନେଇଁ ଜହ୍ନ**



ସଞ୍ଜ ହୋଇଲେ ଜହ୍ନ ଉଇଁଲେ
ଚଉରା ମୂଳେ କୁଆଁରୀ ମେଳ,
ଲିଆ ଉଖୁଡା ଦେଇ ନଡ଼ିଆ
କରନ୍ତି ପୂଜା ଖେଳନ୍ତି ଖେଳ,
ଆଶ୍ୱିନ ମାସ ଶେଷ ଦିବସ
ଚାନ୍ଦ ବନ୍ଦାନ୍ତି ହୋଇ ହରଷ,
ସେହି ଦିନଟି କହିବ ଯିଏ,
ଉଖୁଡ଼ା ଭୋଗ ଖାଇବ ସିଏ।


**ଉତ୍ତର- କୁଆଁର ପୂନେଇଁ**

**– ଲୀଳାବତୀ ପରିଡ଼ା**
ଖରିଡ଼ାଳି ଉ.ପ୍ରା. ବିଦ୍ୟାଳୟ, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୮୬୧୯୪୫୬୨୬



## ବିଜୁଳି

ଆକାଶରେ ବିଜୁଳି ଘଡ଼ଘଡ଼ି ମାରିଲେ ସାଧାରଣତଃ ଆମେ ଚମକି ପଡ଼ିଥାଉ, ଯାହାକୁ ବର୍ଷାର ପ୍ରାକ୍ ସୂଚନା ଭାବରେ ଜଣାଯାଏ । ବିଜୁଳିର ଆଲୋକ ପ୍ରାୟ ୪ରୁ ୫ କିଲୋମିଟର ବ୍ୟାସାର୍ଦ୍ଧ ପର୍ଯ୍ୟନ୍ତ ପଡ଼ିଥାଏ । ଏହା ପ୍ରାୟ ୩୦୦ ମିଲିୟନ୍ ଭୋଲ୍ଟ କରେଣ୍ଟ ବହନ କରିଥାଏ । ଗୋଟିଏ ଥର ବିଜୁଳି ଶକ୍ତିରୁ ହାରାହାରି ଏକ ୧୦୦ ୱାଟର ବଲ୍ବ ୩ମାସ ପର୍ଯ୍ୟନ୍ତ ଜଳିପାରିବ । ବିଜୁଳି ସୂର୍ଯ୍ୟଙ୍କଠାରୁ ୫ଗୁଣ ଅଧିକ ଉତପ୍ତ ହୋଇଥାଏ ।




## ବରଗଛ

ହିନ୍ଦୁଧର୍ମରେ ବରଗଛକୁ ପୂଜା କରାଯାଏ । ଏହାର ଚେର ମାଟିର ଗଭୀରକୁ ଲମ୍ବି ଯାଇଥିବା ଯୋଗୁ ଏହି ବୃକ୍ଷ ମାଟିରୁ ଅଧିକରୁ ଅଧିକ ପୋଷକ ତତ୍ତ୍ୱ ଶୋଷିବାରେ ସକ୍ଷମ ହୋଇଥାଏ । ଏହି ବୃକ୍ଷର ପତ୍ରର ଆକାର ଅଣ୍ଡାକାର, ଟିକେ ବଡ଼ ଏବଂ ରବର ପରି ହୋଇଥାଏ । ଯେତେବେଳେ ଏହାର ନୂଆ ପତ୍ର ବାହାରେ ତାହାର ରଙ୍ଗ ଲାଲ ହୋଇଥିବା ବେଳେ ପତ୍ର ପୂରା ବିକଶିତ ହେବା ବେଳକୁ ସବୁଜ ରଙ୍ଗ ହୋଇଯାଏ । ଏହାର ପତ୍ରକୁ ଛିଡାଇଲେ ଏଥିରୁ ଧଳା ରଙ୍ଗର କ୍ଷୀର ସଦୃଶ ଏକ ଅଠାଳିଆ ପଦାର୍ଥ ବାହାରି ଥାଏ । ଏହି ବୃକ୍ଷରେ ଫଳର ଆକାର ବହୁତ ଛୋଟ ଏବଂ ରଙ୍ଗ ଲାଲ । ବରଗଛର ଜୀବନକାଳ ଏକ ହଜାର ବର୍ଷ କିମ୍ବା ତା'ଠାରୁ ଅଧିକ ହୋଇପାରେ ।



## ଶ୍ୱେତ ରକ୍ତ କଣିକା

ଶରୀର ପାଇଁ ଶ୍ୱେତ ରକ୍ତ କଣିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏହା ମନୁଷ୍ୟକୁ ବିଭିନ୍ନ ସଂକ୍ରାମକ ରୋଗଠାରୁ ରକ୍ଷା କରିଥାଏ । ଆମ ଶରୀରରେ ଏହି ରକ୍ତ କଣିକା ସ୍ତର ସନ୍ତୁଳିତ ରହିବା ନିହାତି ଦରକାର । ରକ୍ତରେ ଏହାର ପରିମାଣ କମ୍ ହୋଇଗଲେ ଶରୀରରେ ବ୍ଲଡ୍ କ୍ୟାନ୍ସର ଓ ହେପାଟାଇଟିସ୍ ଭଳି କେତେକ ରୋଗର ଆଶଙ୍କା ରହିଛି । ଏହାର ସ୍ତରକୁ ସନ୍ତୁଳିତ ରଖିବାକୁ ହେଲେ ନିୟମିତ ଖାଦ୍ୟ ତାଲିକାରେ ଲେମ୍ବୁ,କମଳା,ବ୍ରକୋଲି,ବାଦାମ, ଦହି, ପାଳଙ୍ଗଶାଗକୁ ସାମିଲ କରନ୍ତୁ । ଏହା ଆମର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଶରୀରରେ ହ୍ୱାଇଟ୍ ବ୍ଲଡ୍ ସେଲ୍‌ର ସ୍ତରକୁ ମଧ୍ୟ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ ।



# 'ପୃଥିବୀର ସବୁଠାରୁ ଉଚ୍ଚ ପର୍ବତ, ଛୋଟ ପର୍ବତ'

ଆମ ପୃଥିବୀର ପ୍ରାକୃତିକ ସର୍ଜନାରେ ରହିଛି ଅନେକ ବିବିଧତା । କେଉଁଠି ଘଞ୍ଚ ଜଙ୍ଗଲ, ନଦୀ, ନାଳ, ସମତଳ ଭୂମି, ମାଳଭୂମି ଓ ମରୁଭୂମି ତ କେଉଁଠି ସମୁଦ୍ର ପତ୍ତନରୁ ଟୀଖ ଅତି ଉଚ୍ଚ ପାହାଡ଼ ଓ ପର୍ବତମାନ । ଏହିପାହାଡ଼,ପର୍ବତଗୁଡ଼ିକପ୍ରାକୃତିକବୈଭବରେଭରପୂର ।

ପୃଥିବୀରେ ସମୁଦାୟ ଏଗାର ଲକ୍ଷ ସତାଅଶୀ ହଜାର ଅଣଚାଶଟି ପାହାଡ଼ ବା ପର୍ବତ ରହିଛନ୍ତି । ଏମାନଙ୍କ ଭିତରୁ ସମୁଦ୍ର ପତ୍ତନଠାରୁ ସବୁଠୁଁ ଟୀଖ ବା ଉଚ୍ଚ ପର୍ବତଟି ହେଉଛି ମାଉଣ୍ଟ ଏଭରେଷ୍ଟ । ଚାଇନା ଓ ନେପାଳ ସୀମାରେ ଅବସ୍ଥିତ ମାଉଣ୍ଟ ଏଭରେଷ୍ଟର ଉଚ୍ଚତା ସମୁଦ୍ର ପତ୍ତନଠାରୁ ୮୮୪୮ ମିଟର । ହିମାଳୟ ପର୍ବତମାଳାର ମହାଲଙ୍ଗୁର ହିମଲ୍ ଶାଖାରେ ଏହାର ଅବସ୍ଥିତି ।

ତିବ୍ବତୀୟମାନଙ୍କ ମଧ୍ୟରେ ମାଉଣ୍ଟ ଏଭରେଷ୍ଟ ଚୋମୋଲୁଙ୍ଗ୍‌ମା ନାମରେ ପ୍ରସିଦ୍ଧ । ୨୯ ମେ' ୧୯୫୩ ମସିହାରେ ମାଉଣ୍ଟ ଏଭରେଷ୍ଟକୁ ତେନ୍‌ଜିଙ୍ଗ ନୋର୍‌ଗେ ନାମକ ଜଣେ ନେପାଳୀ ସେର୍‌ପା ଓ ନ୍ୟୁଜିଲାଣ୍ଡର ଅଧିବାସୀ ଏଡ୍‌ମଣ୍ଡ ହିଲାରୀ ଆରୋହଣ କରିଥିଲେ ।

### ଆସ ଜାଣିବା

୧୮୫୨ ମସିହାରେ ଭାରତୀୟ ଗଣିତଜ୍ଞ ରାଧାନାଥ ସିକ୍‌ଦାର ମାଉଣ୍ଟ ଏଭରେଷ୍ଟ ବିଷୟରେ ଜଣାଇଥିଲେ ମଧ୍ୟ ଏହାର କିଛି ବର୍ଷ ପରେ ବ୍ରିଟିଶ୍ ପର୍ଯ୍ୟବେକ୍ଷକ ଦଳର ମୁଖ୍ୟ ଜର୍ଜ ଏଭରେଷ୍ଟଙ୍କ ନାମାନୁସାରେ ଏହାର ନାମକରଣ କରାଯାଇଥିଲା ୧୮୫୬ ମସିହାରେ । ତିବ୍ବତରେ ଏହା ଚୋମୋଲୁଙ୍ଗ୍‌ମା ଏବଂ ନେପାଳରେ ସାଗରମଥା ନାମରେ ଜଣାଶୁଣା ଥିଲେ ମଧ୍ୟ ବ୍ରିଟିଶ୍‌ମାନେ ଏହାକୁ ମାଉଣ୍ଟ ଏଭରେଷ୍ଟ ନାମରେ ନାମିତ କରିଥିଲେ ।

ଅଷ୍ଟ୍ରେଲିଆର ଭିକ୍ଟୋରିଆରେ ଅବସ୍ଥିତ ୱିଚ୍‌ପ୍ରୁଭ୍ ପର୍ବତଟି ହେଉଛି ବିଶ୍ୱର ସବୁଠାରୁ ଛୋଟ ପର୍ବତ । ଏହାର ଉଚ୍ଚତା ସମୁଦ୍ର ପତ୍ତନଠାରୁ ମାତ୍ର ୧୪୮ ମିଟର । ୱିଚ୍‌ପ୍ରୋଫାଇଟ୍ ନାମକ ଏକ ବିଶେଷ ଧରଣର ଖଣିଜ ପଦାର୍ଥ ଏହି ପର୍ବତରେ ମିଳିଥାଏ । ଏ ଅଞ୍ଚଳରେ ଅନେକ କଙ୍ଗାରୁ ଏବଂ ଏମୁ ଦେଖିବାକୁ ମିଳିଥା'ନ୍ତି । ପ୍ରତ୍ୟେକ ବର୍ଷ ଏଠାରେ ସ୍ଥାନୀୟ ଅଧିବାସୀମାନେ ଏଇ ୱିଚ୍‌ପ୍ରୁଭ ପର୍ବତ ଶିଖର ପର୍ଯ୍ୟନ୍ତ ଏକ ଆରୋହଣ ପ୍ରତିଯୋଗିତାର ଆୟୋଜନ କରିଥା'ନ୍ତି ।

–ଜାହ୍ନବୀ ମିଶ୍ର
ନଭି ମୁମ୍ବାଇ, ମୋ: ୯୧୩୬୧୧୯୭୫୩



# ଆ ଇ ନା



ଆକୃତି ମହାନ୍ତି
୭ ବର୍ଷ / ପୁରୀ



ଆରୁଷ ସାମନ୍ତ
୧୦ ବର୍ଷ / କଟକ



ଶ୍ରୀହାନ୍ ଦାସ
୫ ବର୍ଷ / ଭୁବନେଶ୍ୱର